# NATIONAL NEWS BULLETIN (ODIA)
## 11 January - 2026
## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଗୁଜରାଟ ସୋମନାଥ ମନ୍ଦିର ଉପରେ ପ୍ରଥମ ଆକ୍ରମଣର ୧ ହଜାର ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ସୋମନାଥ ସ୍ୱାଭିମାନ ପର୍ବରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ
- ୪ କୋଟିରୁ ଅଧିକ ପଞ୍ଜୀକରଣ ସହ ନୂଆ ରେକର୍ଡ ସୃଷ୍ଟି କଲା ପରୀକ୍ଷା ପେ ଚର୍ଚ୍ଚା ୨୦୨୬ କାର୍ଯ୍ୟକ୍ରମ
- ପ୍ରାକ୍ ବଜେଟ୍ ପରାମର୍ଶ ସ୍ୱରୂପ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ଆଲୋଚନା କଲେ ଅର୍ଥମନ୍ତ୍ରୀ
- ଓଡ଼ିଶାର ରାଉରକେଲାରେ ଘଟିଥିବା ବିମାନ ଦୁର୍ଘଟଣାର ତଦନ୍ତ କରିବ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କଲା ମୁମ୍ବାଇ ଇଣ୍ଡିଆନ୍ସ

- ଆଜିଠାରୁ ଆରମ୍ଭ ହେବ ଭାରତ-ନ୍ୟୁଜିଲ୍ୟାଣ୍ଡ ପୁରୁଷ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍

# ପିଏମ୍-ଗୁଜରାଟ

ତିନିଦିନିଆ ଗୁଜରାଟ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଐତିହାସିକ ସୋମନାଥ ସ୍ୱାଭିମାନ  ପର୍ବରେ ଯୋଗଦେବେ । ଏହି କାର୍ଯ୍ୟକ୍ରମ ୧ହଜାର ୨୬ ମସିହାରେ ସୋମନାଥ ମନ୍ଦିର ଉପରେ ପ୍ରଥମ ଆକ୍ରମଣର ୧ ହଜାର ବର୍ଷ ଏବଂ ୧୯୫୧ ମସିହାରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ମନ୍ଦିରର ପୁନରୁଦ୍ଧାରର ୭୫ ବର୍ଷ ପୂରଣ ଉପଲକ୍ଷେ ଆୟୋଜିତ ହେଉଛି ।

ପ୍ରଧାନମନ୍ତ୍ରୀ ଆଜି ସୋମନାଥ ମନ୍ଦିର ରକ୍ଷା ଲାଗି ପ୍ରାଣବଳି ଦେଇଥିବା ଅଗଣିତ ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ନିମନ୍ତେ ଆୟୋଜିତ ଏକ ଶୋଭାଯାତ୍ରା 'ଶୌର୍ଯ୍ୟଯାତ୍ରା'ରେ ଅଂଶଗ୍ରହଣ କରିବେ । ଏହି ଯାତ୍ରାରେ ୧୦୮ଟି ଘୋଡ଼ାର ଏକ ପ୍ରତୀକାତ୍ମକ ଶୋଭାଯାତ୍ରା ହେବ, ଯାହା ବୀରତ୍ୱ ଏବଂ ବଳିଦାନକୁ ପ୍ରତିଫଳିତ କରିବ । ପରେ ଶ୍ରୀ ମୋଦି ସୋମନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ସୋମନାଥରେ ଏକ ସାର୍ବଜନୀନ ସମାରୋହରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ରାଜକୋଟ ଗସ୍ତ କରିବା ସହ କଚ୍ଛ ଓ ସୌରାଷ୍ଟ୍ର ଅଞ୍ଚଳ ଲାଗି ଭାଇବ୍ରାଣ୍ଟ ଗୁଜରାଟ ଆଞ୍ଚଳିକ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ଉପସ୍ଥିତ ସମାବେଶକୁ ସମ୍ବୋଧନ କରିବେ ।

ପରେ ପ୍ରଧାନମନ୍ତ୍ରୀ ଅହମ୍ମଦାବାଦ ଗସ୍ତକରି ସହରାଞ୍ଚଳ ପରିବହନ ଭିତ୍ତିଭୂମିର ବିକାଶସ୍ୱରୂପ ସେକ୍ଟର-10Aରୁ ମହାତ୍ମା ମନ୍ଦିର ପର୍ଯ୍ୟନ୍ତ ଅହମ୍ମଦାବାଦ ମେଟ୍ରୋର ଦ୍ୱିତୀୟ ପର୍ଯ୍ୟାୟର ଉଦ୍‌ଘାଟନ କରିବେ । ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଜର୍ମାନ୍ ଚାନ୍‌ସେଲର୍ ଫ୍ରେଡ୍‌ରିକ୍  ମର୍ଜଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ଉଭୟ ନେତା ଆନ୍ତର୍ଜାତିକ ଗୁଡ଼ି ପର୍ବରେ ଯୋଗଦେବେ ।

ଗତକାଲି ଶ୍ରୀ ମୋଦୀ ସୋମନାଥରେ ପହଞ୍ଚିବା ପରେ ସୋମନାଥ ମନ୍ଦିରରେ ଓଁକାର ମନ୍ତ୍ର ଜପ ସମାରୋହରେ ଅଂଶ ଗ୍ରହଣ କରିବା ସହ ସେଠାରେ ଆୟୋଜିତ ଡ୍ରୋନ୍ ପ୍ରଦର୍ଶନୀ ଦେଖିଥିଲେ ।

# ପିଏମ୍-ପରୀକ୍ଷା ପେ ଚର୍ଚ୍ଚା

ପରୀକ୍ଷା ପେ ଚର୍ଚ୍ଚା ୨୦୨୬ କାର୍ଯ୍ୟକ୍ରମରେ ୪ କୋଟିରୁ ଅଧିକ ପଞ୍ଜୀକରଣ ସହ ନୂଆ ରେକର୍ଡ ସୃଷ୍ଟି କରିଛି । ଗତବର୍ଷ ୩ କୋଟି ୫୬ ଲକ୍ଷ ପଞ୍ଜୀକରଣ ହୋଇଥିବା ବେଳେ ଏହା ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ତଥ୍ୟ ଦେବା ସହ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଦେଶବ୍ୟାପୀ ଛାତ୍ରଛାତ୍ରୀମାନଙ୍କୁ

ଚାପମୁକ୍ତ ପରୀକ୍ଷା ଲାଗି ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଏକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି କହିଛନ୍ତି ।

ମନ୍ତ୍ରୀ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଏକ୍‌ଜାମ୍ ୱାରିଅର୍ସ ଚଳିତବର୍ଷର ସଂସ୍କରଣ ପଢ଼ିବା ଓ ସେଥିରେ ଥିବା ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପରିଚାଳନା ସମୟରେ ଚାପମୁକ୍ତ ରହିବାକୁ ଅନୁରୋଧ କରିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ମାଇଁ ଗଭ୍ ପୋର୍ଟାଲ୍ ଜରିଆରେ ଗତବର୍ଷ ଡିସେମ୍ବର ୧ ତାରିଖଠାରୁ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ପଞ୍ଜୀକରଣ କରୁଛନ୍ତି । କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ପ୍ରତିବର୍ଷ ଏହି କାର୍ଯ୍ୟକ୍ରମର ଆୟୋଜନ ହେଉଥିବା ବେଳେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥାନ୍ତି । ପରୀକ୍ଷା ପାଖେଇ ଆସୁଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଅଧିକ ସଂଖ୍ୟାରେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ପଞ୍ଜୀକରଣ କରିବା ଲାଗି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପରାମର୍ଶ ଦେଇଛି ।

## ଏଫ୍‌ଏମ୍ ପ୍ରି ବଜେଟ୍ ମିଟିଂ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରାକ୍ ବଜେଟ୍ ପରାମର୍ଶ ସ୍ୱରୂପ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସହ ଗତସନ୍ଧ୍ୟାରେ ନୂଆଦିଲ୍ଲୀରେ ବୈଠକ କରିଛନ୍ତି । ବୈଠକରେ ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ମଣିପୁର ରାଜ୍ୟପାଳ ଏବଂ ଗୋଆ, ହରିଆଣା, ମେଘାଳୟ, ସିକିମ୍, ଦିଲ୍ଲୀ

ଓ ଜାମ୍ମୁ କାଶ୍ମୀରର ମୁଖ୍ୟମନ୍ତ୍ରୀଙ୍କ ସମେତ ଅରୁଣାଚଳପ୍ରଦେଶ, ମଧ୍ୟପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଓ ତେଲଙ୍ଗାନାର ଉପମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବୈଠକରେ ଭାଗ ନେଇଥିବା ଅଂଶଗ୍ରହଣକାରୀମାନେ ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ପ୍ରସ୍ତୁତି ନିମନ୍ତେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ବିଶେଷଭାବେ ପୁଞ୍ଜି ନିବେଶ କ୍ଷେତ୍ରରେ ବିଭିନ୍ନ ରାଜ୍ୟକୁ ଯୋଗାଇ ଦିଆଯାଉଥିବା ସ୍ୱତନ୍ତ୍ର ସହାୟତା ଜାରି ରଖିବା ସହ ଏଥିରେ ଅଧିକ ଅର୍ଥ ଯୋଗାଇଦେବାକୁ ବୈଠକରେ ପରାମର୍ଶ ମିଳିଛି ।

ସୂଚନାଯୋଗ୍ୟ, ସଂସଦର ବଜେଟ୍ ଅଧିବେଶନ ଚଳିତମାସ ୨୮ ତାରିଖରୁ ଆରମ୍ଭ ହେବ ।

## ଶାହା-କେରଳ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି କେରଳର ତିରୁଅନନ୍ତପୁରମ୍‌ରେ ବିଜେପିର ନିର୍ବାଚିତ ସଦସ୍ୟଙ୍କ ରାଜ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଶ୍ରୀ ଶାହା' ଶ୍ରୀପଦ୍ମନାଭ ସ୍ୱାମୀ ମନ୍ଦିର ମଧ୍ୟ ଦର୍ଶନ ପାଇଁ ଯିବେ । ଆଜି ଅପରାହ୍ନରେ ସ୍ୱରାଷ୍ଟ୍ରମନ୍ତ୍ରୀ କେରଳ କୌମୁଦୀ ଖବରକାଗଜ ସମ୍ମିଳନୀର ଉଦ୍‌ଘାଟନ କରିବା ସହ ବିଜେପି ଏବଂ ଏନ୍‌ଡିଏ ନେତାଙ୍କ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଡିଜିସିଏ- ଏୟାରକ୍ରାଫ୍ଟ କ୍ରାସ୍

ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଗତକାଲି ଓଡ଼ିଶାରେ  ଘଟିଥିବା ବିମାନ ଦୁର୍ଘଟଣାର ତଦନ୍ତ କରିବ ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ-ଡିଜିସିଏ ସୂଚନା ଦେଇଛି । ଗତକାଲି ରାଉରକେଲା ନିକଟରେ ଇଣ୍ଡିଆ ୱାନ୍ ସେସ୍ନା ବିମାନ **C208 B** ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଗତକାଲି ବିମାନଟି ଭୁବନେଶ୍ୱରରୁ ରାଉରକେଲାକୁ ଯାଉଥିବା ବେଳେ ବିମାନ କର୍ମଚାରୀ ରାଉରକେଲା ଏଟିସିକୁ ମେ-ଡେ ସୂଚନା ଦେଇଥିଲେ ଏଂ କାନ୍ସୋର୍ ନିକଟରେ ଏକ ଖୋଲା ଜାଗାରେ ଅପରାହ୍ଣ ଗୋଟାଏ ୨୦ ମିନିଟ୍‌ରେ ଫୋର୍ସଡ୍ ଲ୍ୟାଣ୍ଡିଙ୍ଗ୍ କରିଥିଲେ । ରାଉରକେଲା ବିମାନ ବନ୍ଦର ନିକଟରୁ ସଂପୃକ୍ତ ସ୍ଥାନଟି ୧୫ରୁ ୨୦ କିଲୋମିଟର ହେବ ବୋଲି ଡିଜିସିଏ ପକ୍ଷରୁ କୁହାଯାଇଛି । ବିମାନରେ ୪ ଜଣ ଯାତ୍ରୀ ଏବଂ ୨ ଜଣ ବିମାନ କର୍ମଚାରୀ ଥିଲେ । ସେମାନଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି ଓ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ।

## ସିନ୍ଧିଆ -ସ୍ପିଡ୍‌ପୋଷ୍ଟ୍

କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ୨ଟି ନୂଆ ଇଣ୍ଡିଆ ପୋଷ୍ଟ୍ ସେବା ଆରମ୍ଭ କରିଛନ୍ତି । ସ୍ପିଡ୍‌ପୋଷ୍ଟ୍ ୨୪ ଏବଂ ସ୍ପିଡ୍‌ପୋଷ୍ଟ ୪୮ ସେବା ଆରମ୍ଭ କରାଯାଇଛି, ଯେଉଁଥିରେ ୨୪ ଏବଂ ୪୮ ଘଣ୍ଟା ମଧ୍ୟରେ ଡାକସେବା ବିତରଣ ସୁନିଶ୍ଚିତ କରାଯାଇଥିବା ମନ୍ତ୍ରୀ ଶ୍ରୀ ସିନ୍ଧିଆ କହିଛନ୍ତି । ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲାରେ ଏହି ବିଷୟ ଘୋଷଣା କରି ଶ୍ରୀ ସିନ୍ଧିଆ କହିଛନ୍ତି, ଭାରତୀୟ ଡାକସେବାର ଆଧୁନିକୀକରଣ

ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ତ୍ୱରିତ ଡାକସେବା ପ୍ରଦାନ କ୍ଷେତ୍ରରେ ଏହା  ନୂତନ ମାନଦଣ୍ଡ ସ୍ଥାପନ କରିବ ବୋଲି ସେ କହିଛନ୍ତି । ଶ୍ରୀ ସିନ୍ଧିଆ ଗତକାଲି ୨ଲକ୍ଷ ଟଙ୍କା ବ୍ୟୟରେ ପୁନଃ ନିର୍ମିତ ପିଚୋର ଉପଡାକଘର କାର୍ଯ୍ୟାଳୟ ଉଦ୍‌ଘାଟନ ସହ ୧ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟରେ ପ୍ରସ୍ତାବିତ ଉପଡାକଘର କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

# ପିଏମ୍ ପ୍ରଗତି ସ୍ପେଶାଲ୍ ଷ୍ଟୋରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଶାସନ ଏବଂ  ସମୟୋପଯୋଗୀ ପଦକ୍ଷେପ ପାଇଁ ଉଦ୍ଦିଷ୍ଟ ପ୍ରଗତି ପ୍ଲାଟ୍‌ଫର୍ମ  ଏହାର ୫୦ତମ ବୈଠକ ଶେଷ କରିଛି । ୨୦୧୫ ରେ ଶ୍ରୀ ମୋଦୀଙ୍କ ଦ୍ୱାରା ଏହି ପ୍ଲାଟ୍‌ଫର୍ମ୍‌ର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦେଶର ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ସମାଧାନ କରି ଏହାକୁ ସଫଳତାରେ ପରିଣତ କରିଛି । ଏହି ପ୍ରଗତି ମଞ୍ଚରେ କେନ୍ଦ୍ର କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ସାମିଲ ହୋଇ ସମସ୍ୟା ସମାଧାନ ଦିଗରେ ନିରନ୍ତର ପଦକ୍ଷେପ ନେଉଛନ୍ତି ।  ଆଜି ଏହି ଶୃଙ୍ଖଳାରେ ଆସନ୍ତୁ ଜାଣିବା ପ୍ରଗତି ମଞ୍ଚରେ କିଭଳି ରେଳ ମନ୍ତ୍ରଣାଳୟର ଜବଲପୁର-ଗଁଦିଆ ଗଜ୍ ରୂପାନ୍ତର ପ୍ରକଳ୍ପ ସଫଳତାରେ ପରିଣତ ହୋଇଥିଲା ।

୨୮୫ କିଲୋମିଟର ଦୀର୍ଘ ଜବଲପୁର-ଗଁଦିଆ ଗଜ୍ ରୂପାନ୍ତର ପ୍ରକଳ୍ପ ପାଇଁ ୧ ହଜାର ୯୯୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଏହି

ପ୍ରକଳ୍ପରେ ବାଲାଘାଟ-କଟାଙ୍ଗୀ ସେକ୍ସନ ସମେତ ନ୍ୟାରୋଗେଜ୍‌କୁ ବ୍ରଡ୍‌ଗେଜ୍‌ରେ ପରିବର୍ତ୍ତନ କରାଯାଇଥିଲା ।

ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ମଧ୍ୟ ଦେଇ ଯାଇଥିବା ଏହି ପ୍ରକଳ୍ପ କୃଷି ଉତ୍ପାଦନ, ଜଙ୍ଗଲ ଭିତ୍ତିକ କାର୍ଯ୍ୟକଳାପ ଏବଂ ଖଣିଜ ପରିବହନ କ୍ଷେତ୍ରରେ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହୋଇଥିଲା । ୨୦୧୬ରେ ପ୍ରକଳ୍ପ ସମୀକ୍ଷା ସମୟରେ ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ଜମି ହସ୍ତାନ୍ତର ଏବଂ ଅନ୍ୟାନ୍ୟ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ପରିବେଶ ଏବଂ ଜମି ସମ୍ବନ୍ଧୀୟ ପ୍ରତିବନ୍ଧକଗୁଡ଼ିକର ସମାଧାନ ସହ ୨୦୨୧ ମାର୍ଚ୍ଚରେ ଜବଲପୁର-ଗଁଦିଆ ବ୍ରଡ୍‌ଗେଜ୍ କରିଡର କାର୍ଯ୍ୟକ୍ଷମ ହୋଇଥିଲା ।

## ଜୁଏଲ୍ ଓରାମ

କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମଙ୍କୁ ବିଜେପି ଝାଡ଼ଖଣ୍ଡ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରିଛି । ଦଳର ଝାଡ଼ଖଣ୍ଡ ରାଜ୍ୟ ସଭାପତି ଏବଂ ଜାତୀୟ ପରିଷଦ ସଦସ୍ୟ ନିର୍ବାଚନର ଶ୍ରୀ ଓରାମ ତଦାରଖ କରିବେ । ଦଳ ପକ୍ଷରୁ ଏହି ନିଯୁକ୍ତି ସଂପର୍କିତ ସୂଚନା ସାମାଜିକ ଗଣମାଧ୍ୟମରେ ଦିଆଯାଇଛି ।

# କ୍ରିକେଟ୍ ଡବ୍ଲୁପିଏଲ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ନବୀ ମୁମ୍ବାଇରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ଦୁଇଥରର ଚମ୍ପିୟାନ୍ ମୁମ୍ବାଇ ଇଣ୍ଡିଆନ୍ସ ୫୦ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରିଛି । ୧୯୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍‌ସ୍ ସମସ୍ତ ୱିକେଟ୍ ହରାଇ ୧୪୫ ରନ୍ କରିଥିଲା । ଦିଲ୍ଲୀ କ୍ୟାପିଟାଲ୍‌ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ୱିକେଟ୍ ବିନିମୟରେ ୧୯୫ ରନ୍ କରିଥିଲା । ଦଳର ଅଧିନାୟିକା ହରମନ୍ ପ୍ରୀତ୍ କୌର ଅପରାଜିତ ୭୫ ରନ୍ କରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ନବୀ ମୁମ୍ବାଇରେ ଡି.ୱାଇ. ପାଟିଲ୍ କ୍ରୀଡ଼ା ଏକାଡେମୀରେ ଦିଲ୍ଲୀ କ୍ୟାପିଟାଲ୍‌ସ ଏବଂ ଗୁଜରାଟ ଜ୍ୟାଣ୍ଟ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# ଇଣ୍ଡିଆ-ନ୍ୟୁଜିଲ୍ୟାଣ୍ଡ ଓଡିଆଇ

କ୍ରିକେଟ୍‌ରେ ଭାରତ ଆଜିଠାରୁ ପ୍ରଥମ ଦିନିକିଆ ମ୍ୟାଚ୍‌ରୁ ଚଳିତବର୍ଷର ଅଭିଯାନ ଆରମ୍ଭ କରିବ । ଗୁଜରାଟର ଭଦୋଦରାରେ ୩ ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ । ଅପରାହ୍ନ ଗୋଟାଏ ୩୦ ମିନିଟ୍

ସମୟରେ ମ୍ୟାଚ୍ ଆରମ୍ଭ ହେବ । ଏହି ସିରିଜ୍‌ରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଭଳି ଅଭିଜ୍ଞ ଖେଳାଳିମାନେ ସାମିଲ ହେବେ । ୱିକେଟ୍ କିପର ତଥା ବ୍ୟାଟ୍‌ସମ୍ୟାନ୍ ରିଷଭ ପନ୍ତ ଆଘାତ ଯୋଗୁଁ ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଟି-୨୦ ବିଶ୍ୱକପ୍‌ରେ ଦଳରୁ ବାଦ୍ ପଡ଼ିବା ପରେ ୨୫ ବର୍ଷୀୟ ଶୁଭମନ ଗିଲ୍ ଏହି ଏକଦିବସୀୟ ସିରିଜ୍‌ରେ ଭାରତର ଅଧିନାୟକ ଭାବରେ ଦାୟିତ୍ୱ ତୁଲାଇବେ ।

ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୪ ତାରିଖରେ ରାଜକୋଟର ନିରଞ୍ଜନ ଶାହା ଷ୍ଟାଡିୟମ୍ ଏବଂ ତୃତୀୟ ମ୍ୟାଚ୍ ୧୮ ତାରିଖରେ ଇନ୍ଦୋର୍‌ର ହୋଲ୍‌କର ଷ୍ଟାଡିୟମରେ ଅନୁଷ୍ଠିତ ହେବ ।

# ୱିମେନ୍ସ ଏଚ୍‌ଆଇଏଲ୍

ମହିଳା ହକି ଇଣ୍ଡିଆ ଲିଗ୍‌ର ଗତକାଲି ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଏସ୍‌ଜି ପାଇପର୍ସ ୩-୨ ସୁଟ୍‌ଆଉଟ୍‌ରେ ସ୍ରାଚୀ ବେଙ୍ଗଲ ଟାଇଗର୍ସଙ୍କୁ ପରାସ୍ତ କରିଛି । ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ ।

ଆଜିଠାରୁ ଆରମ୍ଭ ହେଉଥିବା ପୁରୁଷ ହକି ଲିଗ୍‌ରେ ରାଞ୍ଚିରେ ସନ୍ଧ୍ୟା ୫ଟାରେ ଏଚ୍‌ଆଇଏଲ୍ ଜିସି ଓ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଏବଂ ସନ୍ଧ୍ୟା ୭ଟା ୩୦ ମିନଇଟ୍‌ରେ ରାଞ୍ଚି ରୟାଲ୍‌ସ ଏବଂ ସ୍ରାଚି ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।